ଦକ୍ଷତା ବୃଦ୍ଧି



# ଗୁଣାତ୍ମକ ପରିବାର ନିୟୋଜନ ସେବା ପାଇଁ ସେବା ପ୍ରଦାନକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କର ଦକ୍ଷତା ବୃଦ୍ଧି

## ଲକ୍ଷ୍ୟ

ଗୁଣାତ୍ମକ ପରିବାର ନିୟୋଜନ ସେବା ନିମନ୍ତେ ସେବାପ୍ରଦାନକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ତାଲିମ ବ୍ୟବସ୍ଥାକୁ କିପରି କାର୍ଯ୍ୟକାରୀ କରିବେ, ସେ ନେଇ ଏକ ପଥ ପ୍ରଦର୍ଶନ ଦେବା


## କାହା ପାଇଁ ଉଦ୍ଦିଷ୍ଟ

- ମୁଖ୍ୟ ମେଡିକାଲ ଏବଂ ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ/ ସିଏମ୍‌ଏଚ୍‌ଓ/ ସିଏମ୍‌ଓ)
- ବେସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ
- ନୋଡାଲ ଅଧିକାରୀ – ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ
- ବରିଷ୍ଠ ରାଜ୍ୟ ସ୍ୱାସ୍ଥ୍ୟ ପ୍ରଶାସକ ଓ ଅଧିକାରୀ
- ଦ ଫେଡେରେସନ ଅଫ ଅବଷ୍ଟେଟ୍ରିକ୍ସ ଏଣ୍ଡ ଗାଇନାକୋଲୋଜିକାଲ ସୋସାଇଟି ଅଫ ଇଣ୍ଡିଆ (ଫଗ୍‌ସି) (FOGSI)
- ଜିଲ୍ଲା ଅବଷ୍ଟେଟ୍ରିକ୍ସ ଏଣ୍ଡ ଗାଇନାକୋଲୋଜିକାଲ ସୋସାଇଟି
- ଇଣ୍ଡିଆନ ମେଡିକାଲ ଆସୋସିଏସନର ଅଫିସ କର୍ମକ ି।

## ପୃଷ୍ଠଭୂମି

ଅର୍ବାନ ହେଲ୍‌ଥ ଇନିସିଏଟିଭ୍‌ସ ଦ୍ୱାରା ହାତକୁ ନିଆଯାଇଥିବା ନିମ୍ନଲିଖିତ ସାତ ପ୍ରକାର ତାଲିମ, ସେବା ପ୍ରଦାନକାରୀ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରିବାରେ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି । ସିଏମ୍‌ଏଚ୍‌ଓ/ ସିଡିଏମ୍‌ଓ ଏବଂ ସିଏମ୍‌ଓ ଏହି ତାଲିମ ସବୁକୁ ପରିଚାଳନା କରି ଏହାର ମୂଲ୍ୟବୃଦ୍ଧି କରିପାରିବେ । ଏଠାରେ ଉଭୟ ସରକାରୀ ଏବଂ ବେସରକାରୀ ଅଧିସ୍ୱୀକୃତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଥିବା ମେଡିକାଲ ଅଧିକାରୀ ଏବଂ ପାରା ମେଡିକାଲ ଷ୍ଟାଫ୍‌ମାନଙ୍କୁ ସେବା ପ୍ରଦାନକାରୀ ଭାବେ ଗ୍ରହଣ କରାଯାଇଛି ।

ସେବା ପ୍ରଦାନକାରୀଙ୍କ ପାଇଁ ତାଲିମ ହେଉଛି ଏକ ସୁଯୋଗ, ଯେଉଁଠାରେ ସେମାନେ ପରିବାର ନିୟୋଜନ ବିଷୟରେ ସର୍ବଶେଷ ସୂଚନା ପାଇବା ସଂଗେ ସଂଗେ ଏକ ନିର୍ଦ୍ଦିଷ୍ଟ ପଦ୍ଧତିକୁ ନେଇ ରହିଥିବା ଧାରଣା ଏବଂ ଚିନ୍ତା ଦୂର ହୋଇଥାଏ । ଏହାଦ୍ୱାରା ଦୈନନ୍ଦିନ ଜୀବନରେ ଜଣେ ସେବା ପ୍ରଦାନକାରୀ ପରିବାର ନିୟୋଜନ ବିଷୟରେ ଲୋକଙ୍କୁ ବୁଝାଇବା ବେଳେ ସାମନା କରୁଥିବା ସମସ୍ୟା ସବୁର ସମାଧାନ ପାଇଁ ବାଟ ପାଉଥିବା ବେଳେ ପରିବାର ନିୟୋଜନ ସେବାର ଗୁଣାତ୍ମକ ମାନରେ ମୂଲ୍ୟ ବୃଦ୍ଧି ହୋଇଥାଏ । ଭାରତୀୟ ଉଚ୍ଚତମ ନ୍ୟାୟାଳୟର ୨୦୧୬ ରାୟ ଅନୁସାରେ ଗୁଣାତ୍ମକ ମୂଲ୍ୟ ବିଶିଷ୍ଟ ପରିବାର ନିୟୋଜନ ସେବା ବିନା ବଳ ପ୍ରୟୋଗ କରି ପ୍ରଦାନ କରାଯିବ । ଏଣୁ ଏହି ପରିପ୍ରେକ୍ଷୀରେ ସେବାପ୍ରଦାନକାରୀଙ୍କୁ ତାଲିମ ପ୍ରଦାନ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ।




## ଦୃଷ୍ଟାନ୍ତମୂଳକ ପ୍ରମାଣ

- କଣ୍ଟ୍ରାସେପ୍‌ଟିଭ୍ ଟେକ୍ନୋଲୋଜି ଅପଡେଟ୍ସ ତାଲିମ ଦ୍ୱାରା ପରିବାର ନିୟୋଜନ ସେବା ଗ୍ରହଣ କରିସାରିଲା ପରେ ବାଦ ପଡୁଥିବା ବ୍ୟକ୍ତି (ଖାସ୍ କରି ମହିଳା ବନ୍ଧ୍ୟାକରଣ, ଆୟୁସିଡି ବ୍ୟବହାର ଏବଂ ଇଞ୍ଜେକ୍ଟେବଲ କ୍ଷେତ୍ରରେ) ସଂଖ୍ୟାରେ ହ୍ରାସ ଘଟିଛି । ଏହା ଦ୍ୱାରା ଗର୍ଭପାତ ପରବର୍ତ୍ତୀ ଗର୍ଭନିରୋଧ ପଦ୍ଧତି ବ୍ୟବହାରରେ ମଧ୍ୟ ବୃଦ୍ଧି ଘଟିଛି ।
- ଉତ୍ତରପ୍ରଦେଶରେ ୧୧ଟି ସହରରେ ୨୯୮ ଜଣ ଡାକ୍ତରଙ୍କୁ ପିପିଆୟୁସିଡି ସେବା ପ୍ରଦାନ ପାଇଁ ଅର୍ବାନ୍ ହେଲ୍‌ଥ ଇନିସିଏଟିଭ୍‌ସ ଯେଉଁ ତାଲିମ ଦେଇଛି ତାହାର ଫଳ ସ୍ୱରୂପ ପିପିଆୟୁସିଡି ବ୍ୟବହାରକାରୀଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ୨୦୧୧ରେ ୧୧୮୦ ପିପିଆୟୁସିଡି ବ୍ୟବହାରକାରୀ ଥିବାବେଳେ ୨୦୧୩ରେ ୧୧,୪୬୨ ଜଣ ବ୍ୟବହାରକାରୀ ଥିଲେ ।
- ଉତ୍ତରପ୍ରଦେଶ, ରାଜସ୍ଥାନ ଓ ଦିଲ୍ଲୀର ୩୦ ଜିଲ୍ଲାରେ ପପୁଲେସନ ସର୍ଭିସେସ ଇଣ୍ଟରନ୍ୟାସନ୍ୟାଲ ଦ୍ୱାରା ମହିଳା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ୧୯୮ ଜଣ ବେସରକାରୀ ସେବା ପ୍ରଦାନକାରୀଙ୍କୁ ପିପିଆୟୁସିଡି ଉପରେ ତାଲିମ ଦିଆଯାଇଥିଲା । ଯାହା ଫଳରେ ଅକ୍ଟୋବର ୨୦୧୧ରୁ ଡିସେମ୍ବର ୨୦୧୫ ମଧ୍ୟରେ ୧୩୩୬୪ ଜଣ ମହିଳା ନୂଆ କରି ପିପିଆୟୁସିଡି ବ୍ୟବହାର କରିବା ଆରମ୍ଭ କରିଥିଲେ ।
- ୟୁଏଚ୍‌ଆଇ ଅଧୀନରେ ଇନ୍‌ଫେକ୍ସନ ପ୍ରିଭେନ୍‌ସନ୍ ବା ସଂକ୍ରମଣ ପ୍ରତିରୋଧକୁ ନେଇ ୧୧ଟି ଜିଲ୍ଲାର ୩୫ଟି ଅଧିକ ରୋଗୀ ଆସୁଥିବା ସରକାରୀ ଏବଂ ବେସରକାରୀ ହସପିଟାଲରେ ତାଲିମ ଦିଆଯାଇଥିଲା । ଏହା ପରେ ସଂକ୍ରମଣ ପ୍ରତିରୋଧ ବ୍ୟବହାର ଏବଂ ସ୍ଥାନୀୟ ଉତ୍ସରୁ ମିଳୁଥିବା ଯୋଗାଣକୁ ନେଇ ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ସଂକ୍ରମଣ ପ୍ରତିରୋଧ ପାଇଁ ବ୍ୟବସ୍ଥାରେ ଉନ୍ନତି ଆସିଥିବାର ଦେଖାଗଲା ।
- ୟୁଏଚ୍‌ଆଇ ଅଧୀନରେ ୧୧ ଜଣ ସର୍ଜନଙ୍କୁ ଏହି ଏନ୍‌ଏସ୍‌ଭି ତାଲିମ ପ୍ରଦାନ କରାଯାଇଥିଲା । ଏହା ଦ୍ୱାରା ୨୦୧୧ରେ ୩୭୨୩ ଜଣ ଏନ୍‌ଏସ୍‌ଏଭି ସେବା ଗ୍ରହଣ କରିଥିବା ବେଳେ ୨୦୧୩ରେ ୪୮୬୯ ଜଣ ଏହି ସେବା ଗ୍ରହଣ କରିଥିଲେ । ଏହା ମୋଟ ଭାସେକ୍‌ଟୋମି ସେବା ଗ୍ରହଣକାରୀଙ୍କ ସଂଖ୍ୟାର ୭୭% ।
- ପପୁଲେସନ ସର୍ଭିସେସ ଇଣ୍ଟରନ୍ୟାସନାଲର ଏକ୍ସପାଣ୍ଡେଡ ଆକ୍‌ସେସ୍ ଟୁ କ୍ୱାଲିଟି କାର୍ଯ୍ୟକ୍ରମ ଅଧୀନରେ ୧୦ଟି ପ୍ରକଳ୍ପ ସହରରେ ୨୦୧୫ରୁ ୨୦୧୬ ମଧ୍ୟରେ ୨୨୭୨ଟି ଏନ୍‌ଏସ୍‌ଭି ହୋଇଥିଲା, ଯାହା ରାଜ୍ୟରେ ହୋଇଥିବା ମୋଟ ଏନ୍‌ଏସ୍‌ଭି ସଂଖ୍ୟାର ୩୧% ।

ୟୁ.ଏଚ୍.ଆଇ.ର କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ସମସ୍ତ ମିଳିତ ପଦକ୍ଷେପ ଯୋଗୁଁ ସେବା ପ୍ରଦାନକାରୀଙ୍କର ବୈଷୟିକ ଦକ୍ଷତା ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ହେବା ସହ ସେମାନଙ୍କର ଉତ୍ସାହରେ ମଧ୍ୟ ବୃଦ୍ଧି ଘଟିଥିଲା । ଏହା ଯୋଗୁଁ ପ୍ରକଳ୍ପ ସହରରେ ଲୋକଙ୍କ ମଧ୍ୟରେ ଗର୍ଭନିରୋଧକ ବ୍ୟବହାରରେ ମଧ୍ୟ ବୃଦ୍ଧି ଘଟିଥିଲା ।



## ତାଲିମ କାର୍ଯ୍ୟକାରିତା ପାଇଁ ଦିଗ୍‌ଦର୍ଶନ

ୟୁ.ଏଚ୍.ଆଇ. ଦ୍ୱାରା ଦିଆଯାଇଥିବା ୭ଟି ତାଲିମ, ଯାହାକି ସେବାପ୍ରଦାନକାରୀଙ୍କର ଦକ୍ଷତା ବୃଦ୍ଧି ସହ ସେମାନଙ୍କର ଉତ୍ସାହ ବୃଦ୍ଧିରେ ମଧ୍ୟ ସହାୟକ ହୋଇଥିଲା । ତାହାର ସଂପୂର୍ଣ୍ଣ ବିବରଣୀ ନିମ୍ନରେ ଦିଆଗଲା ।



### କଣ୍ଟ୍ରାସେପ୍‌ଟିଭ ଟେକ୍ନୋଲୋଜି ଅପଡେଟ୍‌ସ୍ ତାଲିମ

କଣ୍ଟ୍ରାସେପ୍‌ଟିଭ ଟେକ୍ନୋଲୋଜି ଅପଡେଟ୍‌ସ୍ ତାଲିମ (Global Handbook for Providers) କୁ ରେଫର କରନ୍ତୁ) ଏକ ପ୍ରକାରର ତାଲିମ ଯାହା ସେବାପ୍ରଦାନକାରୀଙ୍କୁ ଅଧୁନାତନ ବୈଷୟିକ ଜ୍ଞାନ ଦିଏ । ପୁଣି ଏହି ତାଲିମ ବଳରେ ସେବା ପ୍ରଦାନକାରୀ, ଗର୍ଭନିରୋଧକ ବ୍ୟବସ୍ଥାରେ ପ୍ରଚଳିତ ସର୍ବାଧିକ ଏବଂ ବହୁଳ ପଦ୍ଧତିଗୁଡିକ ବିଷୟରେ ବିଶେଷ ଭାବରେ ଜାଣି ପାରନ୍ତି । ଏହା ଦ୍ୱାରା ଗର୍ଭନିରୋଧକୁ ନେଇ ସେବାପ୍ରଦାନକାରୀମାନଙ୍କ ମନରେ ରହିଥିବା ଯାବତୀୟ ଭ୍ରାନ୍ତ ଧାରଣା ସବୁ ଦୂର ହୁଏ ।

**ଲକ୍ଷ୍ୟ:** ସେବାପ୍ରଦାନକାରୀଙ୍କୁ ବର୍ତ୍ତମାନ ପ୍ରଚଳିତ ଗର୍ଭନିରୋଧକ ବ୍ୟବସ୍ଥାର ଜ୍ଞାନ ଦେବା ସହ ଆନ୍ତର୍ଜାତିକ ପ୍ରମାଣ ଏବଂ ଏ କ୍ଷେତ୍ରରେ ସର୍ବଶ୍ରେଷ୍ଠ ବ୍ୟବହୃତ ପଦ୍ଧତିକୁ ସେବାପ୍ରଦାନକାରୀଙ୍କ ନଜରକୁ ଆଣିବା

**ସମୟସୀମା:** ୨-୪ ଘଣ୍ଟା

**ପାଠ୍ୟକ୍ରମ:** ତାଲିମ ଆବଶ୍ୟକତାର ମୂଲ୍ୟାୟନ, ସେବା ପ୍ରଦାନକାରୀଙ୍କ ଜ୍ଞାନ ଓ ଦକ୍ଷତା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବାପ୍ରଦାନ ସମୟର ସମସ୍ୟାଗୁଡ଼ିକୁ ଦେଖି

**କାହା ପାଇଁ ଉଦ୍ଦିଷ୍ଟ:** ସରକାରୀ ଏବଂ ବେସରକାରୀ ସେବା ପ୍ରଦାନକାରୀଙ୍କ ପାଇଁ

**କେତେଥର ହେବ:** ପ୍ରତି ୬ ମାସରେ କିମ୍ବା ଆବଶ୍ୟକ ପଡିଲା ବେଳେ

### ଏହି ତାଲିମ ପାଇଁ ସି.ଡି.ଏମ୍.ଓ./ ସି.ଏମ୍.ଓ.ଙ୍କ ଦ୍ୱାରା ନେବାଯିବାକୁ ଥିବା ପଦକ୍ଷେପ

- ପ୍ରତି ଦୁଇବର୍ଷରେ ଥରେ ଏଭଳି ତାଲିମ କରିବା ପାଇଁ ଜିଲ୍ଲା ପିଆଇପିରେ ଆବଶ୍ୟକୀୟ ଅର୍ଥର ବ୍ୟବସ୍ଥା କରିବା ।
- ବର୍ତ୍ତମାନ ଜିଲ୍ଲାର ପରିବାର ନିୟୋଜନ ତଥ୍ୟ ଏବଂ ପରିବାର ନିୟୋଜନ ହାର ଦେଖି, ଡାକ୍ତରଙ୍କ ଜ୍ଞାନ ଏବଂ କୌଶଳ ଦକ୍ଷତା ଦେଖି ଏହି ତାଲିମର ଆବଶ୍ୟକତାକୁ ଆକଳନ କରନ୍ତୁ ।
- ଏହି ତାଲିମକୁ ନିୟମିତ ଆୟୋଜନ କରନ୍ତୁ ଏବଂ ବିଷୟବସ୍ତୁକୁ ଚିହ୍ନଟ କରାଯାଇଥିବା ଆବଶ୍ୟକତା ଏବଂ ଫାଙ୍କା ସ୍ଥାନକୁ ଦେଖି ନିର୍ଣ୍ଣୟ କରନ୍ତୁ । ଉଦାହରଣ ସ୍ୱରୂପ ଯଦି ଜଣେ ସେବା ପ୍ରଦାନକାରୀ ଗର୍ଭପାତ ପରେ ଜଣେ ମହିଳାଙ୍କ ଠାରେ ଆୟୁସିଡି ସ୍ଥାପନ କରିପାରୁନାହାଁନ୍ତି, ତେବେ ଗର୍ଭପାତ ପରେ ପରେ ଗର୍ଭନିରୋଧକ ସେବା ପ୍ରଦାନ ପାଇଁ ଏପରି ତାଲିମ ଆବଶ୍ୟକ ଅଛି ବୋଲି କୁହାଯାଇପାରିବ ।
- ସ୍ଥାନୀୟ ମେଡିକାଲ କଲେଜ, ସ୍ଥାନୀୟ ଫଗ୍‌ସି (FOGSI) ଚାପ୍ଟର, ସ୍ୱେଚ୍ଛାସେବୀ ସଂଗଠନ, ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ପ୍ରତିଷ୍ଠାନ ଠାରୁ ଜଣେ ଜଣାଶୁଣା ବିଶେଷଜ୍ଞଙ୍କୁ ଚିହ୍ନଟ କରନ୍ତୁ ଏବଂ ଏକ ଗର୍ଭ ନିରୋଧକକୁ ନେଇ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ତାଙ୍କ ସହ ମତ ବିନିମୟ କରନ୍ତୁ; ଯାହା ପ୍ରଶିକ୍ଷାର୍ଥୀଙ୍କୁ ନୂତନ ତଥ୍ୟ ଦେବା ସହ ସେମାନଙ୍କ ମଧ୍ୟରେ ତଥ୍ୟର ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରିବ ।
- ଏହି ପ୍ରକାର ତାଲିମରେ ସ୍ଥାନୀୟ ସରକାରୀ ଏବଂ ବେସରକାରୀ ଡାକ୍ତରଖାନାର ସମସ୍ତ ସେବାପ୍ରଦାନକାରୀଙ୍କୁ ସାମିଲ କରି ୧୦୦ ପ୍ରତିଶତ ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରନ୍ତୁ । ଏହି ଲକ୍ଷ୍ୟ କିପରି ହାସଲ କରାଯାଇ ପାରିବ ସେ ନେଇ ଆଇ.ଏମ୍.ଏ. ଏବଂ ଫଗ୍‌ସି (FOGSI) କର୍ମକର୍ତ୍ତାଙ୍କ ସହ ଆଲୋଚନା କରି କିପରି ସମସ୍ତ ଅଧିସ୍ୱୀକୃତ ଏବଂ ତାଲିକାଭୁକ୍ତ ଡାକ୍ତରମାନେ ୧୦୦ ପ୍ରତିଶତ ଯୋଗଦେବେ, ତାହା ନିଶ୍ଚିତ କରନ୍ତୁ ।
- ଜିଲ୍ଲା କ୍ୱାଲିଟି ଆସ୍ୟୁରାନ୍ସ କମିଟିର ସଦସ୍ୟଙ୍କୁ ଏହି ସମସ୍ତ ତାଲିମ କାର୍ଯ୍ୟକ୍ରମର ସମୀକ୍ଷାରେ ସାମିଲ କରନ୍ତୁ (Operational guidelines on quality assurance in public health facilities_2013, ଭାଗ ଦୁଇ ପୃଷ୍ଠା ୧୩ ଦେଖନ୍ତୁ ଏବଂ ଏହି ତାଲିମ୍ କାର୍ଯ୍ୟକ୍ରମ ସବୁକୁ ଅପଡେଟ୍ କରନ୍ତୁ ।
- ଏହି ତାଲିମ୍‌ର ସମୀକ୍ଷା ଏବଂ ଫଲୋଅପ୍ ପାଇଁ ମାସିକ ସମୀକ୍ଷା ବୈଠକରେ ଡାକ୍ତରମାନଙ୍କ ସହ ଆଲୋଚନା କରନ୍ତୁ ।

ଗର୍ଭନିରୋଧକ ପଦ୍ଧତି ବିଶେଷର ତାଲିମ ଏବଂ ଦିଗ୍‌ଦର୍ଶନ ପାଇଁ 'Family Planning: a global handbook for providers' ଦେଖନ୍ତୁ ।



### ଫାସିଲିଟି ହୋଲସାଇଟ୍ ଓରିଏଣ୍ଟେସନ

ଏହା ହେଉଛି ଏକ କ୍ଷୁଦ୍ର ସଚେତନତା ଏବଂ ଜ୍ଞାନବୃଦ୍ଧି ଅଧିବେଶନ ଯାହା ସ୍ୱାସ୍ଥ୍ୟ କେନ୍ଦ୍ରର ପାରାମେଡିକ୍ ଏବଂ ସହାୟକ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ । ଏହି ତାଲିମ କାର୍ଯ୍ୟକ୍ରମ ଏକ ସହାୟକ ପରିବେଶ ତିଆରି ପାଇଁ ଉଦ୍ଦିଷ୍ଟ, ଯାହା ପରିବାର ନିୟୋଜନ ସେବାର ଗୁଣାତ୍ମକ ମାନବୃଦ୍ଧି ପାଇଁ ଉଦ୍ଦିଷ୍ଟ । ଏପରିକି ବର୍ତ୍ତମାନ ପରିବାର ନିୟୋଜନକୁ ନେଇ ଦମ୍ପତି ଏବଂ କର୍ମଚାରୀମାନଙ୍କର ପ୍ରଚଳିତ ବିଭିନ୍ନ ଭ୍ରାନ୍ତି ଓ ପ୍ରଥାକୁ ଦୂର କରିବା ଦିଗରେ ଏହି ତାଲିମ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ । ଉଦାହରଣ ସ୍ୱରୂପ, ଅନେକ ସମୟରେ ଦମ୍ପତିମାନେ ପିପିଆୟୁସିଡି ଗ୍ରହଣ କରୁଥିବାବେଳେ ଡାକ୍ତରଖାନାର ଆୟା/ସଫେଇ କର୍ମଚାରୀ ଆଦିଙ୍କ କଥାରେ ପ୍ରଭାବିତ ହୋଇଥାନ୍ତି । ଏଣୁ ସେମାନଙ୍କୁ ସଚେତନ କରାଇ ପାରିଲେ ପରିବାର ନିୟୋଜନ ଦିଗରେ ଦମ୍ପତିମାନେ ସହଜରେ ନିଷ୍ପତ୍ତି ନେଇ ପାରିବେ ।

**ଲକ୍ଷ୍ୟ:** ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଏପରିକି ଡାକ୍ତରଖାନାରେ କାମ କରୁଥିବା ସହାୟକ କର୍ମଚାରୀଙ୍କୁ ନେଇ ପରିବାର ନିୟୋଜନ ନିମନ୍ତେ ଏକ ସହାୟକ ପରିବେଶ ସୃଷ୍ଟି କରିବା

**ସମୟସୀମା:** ୨-୩ ଘଣ୍ଟା ଏବଂ ଆବଶ୍ୟକତା ଅନୁସାରେ ରିଫ୍ରେସର ତାଲିମ

**ପାଠ୍ୟକ୍ରମ:** ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଡାକ୍ତରଖାନାର କର୍ମଚାରୀ ମାନଙ୍କର ସଚେତନତା

**କାହାପାଇଁ ଉଦ୍ଦିଷ୍ଟ:** ପାରାମେଡିକାଲ ଏବଂ ସହାୟକ କର୍ମୀ

**କେତେଥର ହେବ:** ପ୍ରତିବର୍ଷ ଏବଂ ଆବଶ୍ୟକତା ଅନୁସାରେ ରିଫ୍ରେସର ତାଲିମ

### ଫାସିଲିଟି ହୋଲସାଇଟ୍ ଓରିଏଂଟେସନ ପାଇଁ ସିଏମଏଚଓ/ ସିଡିଏମଓ/ ସିଏମଓ ଙ୍କର ଦ୍ୱାରା ନେବାକୁ ଥିବା ପଦକ୍ଷେପ:

- ସାଧାରଣତଃ ଏହି ପ୍ରକାର ତାଲିମ, ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରକାରଭେଦକୁ ନେଇ ଭିନ୍ନ ଭିନ୍ନ ରୂପେ ଆୟୋଜିତ ହୋଇଥାଏ । ଗୋଟିଏ ବଡ ସରକାରୀ ବା ବେସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନରେ (ଦ୍ୱିତୀୟ ଏବଂ ତୃତୀୟ ସ୍ତରର ଡାକ୍ତରଖାନା) ଏହା ଅନୁଷ୍ଠାନରେ ଥିବା ବରିଷ୍ଠ ସ୍ତରର ଅଧିକାରୀଙ୍କୁ ନେଇ ଆୟୋଜିତ ହୋଇଥାଏ । ସେହିପରି ଛୋଟ ଅନୁଷ୍ଠାନରେ ଦାୟିତ୍ୱରେ ଥିବା ଡାକ୍ତର କିମ୍ବା ନର୍ସ ମାନେ ଏପରି ତାଲିମ ସେମାନଙ୍କର କର୍ମଚାରୀଙ୍କ ପାଇଁ ନିୟମିତ ବୈଠକ ମାଧ୍ୟମରେ କରିପାରିବେ । (UHIs whole site training guideline with links କୁ ରେଫର କରନ୍ତୁ). ।
- ସିଏମଏଚଓ/ ସିଡିଏମଓ/ ସିଏମଓ ମାନେ କେତୋଟି ସ୍ୱାସ୍ଥ୍ୟକେନ୍ଦ୍ରରେ କେତେ ସଂଖ୍ୟାରେ ଷ୍ଟାଫ୍ ଏହି ତାଲିମ୍ ନେଲେ ତାହାକୁ ସୂଚକାଂକ ଭାବରେ ଧରି ନିୟମିତ ମାସିକ ବୈଠକରେ ସମୀକ୍ଷା କରି ଏହି ତାଲିମର ପରିଚାଳନାକୁ ଲକ୍ଷ୍ୟ ରଖାଯିବା ଉଚିତ୍ ।




**୩. ସଂକ୍ରମଣ ପ୍ରତିରୋଧ ପାଇଁ କର୍ମଚାରୀ ମାନଙ୍କର ତାଲିମ**

ଗୁଣାତ୍ମକ ପରିବାର ନିୟୋଜନ ସେବା ପାଇଁ ସଂକ୍ରମଣ ପ୍ରତିରୋଧ ନିହାତି ଆବଶ୍ୟକ । ଏହି ତାଲିମ ସମସ୍ତ ଡାକ୍ତର, ନର୍ସ, ପାରାମେଡିକାଲ କର୍ମଚାରୀ ଅନ୍ୟମାନେ ଯେପରିକି ଝାଡୁଦାର,ଆୟା ମାନଙ୍କୁ ଦେବା ଦରକାର । ଏହା ଦ୍ୱାରା ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିବାର ନିୟୋଜନ ସେବା ସଂପର୍କରେ ସେମାନଙ୍କର ଜ୍ଞାନ ବୃଦ୍ଧି ହେବ ।

**ଲକ୍ଷ୍ୟ:** ପରିବାର ନିୟୋଜନ ସେବାରେ ଯତ୍ନର ଗୁଣାତ୍ମକ ମାନକୁ ଉନ୍ନତ କରିବା ଦ୍ୱାରା ପରିବାର ନିୟୋଜନ ସେବାକୁ ବାଛିଥିବା ଦମ୍ପ ିମାନଙ୍କ ମନରେ ସୁରକ୍ଷାଭାବ ସୃଷ୍ଟି ହେବା ସହ, ମାତୃ ମୃତ୍ୟୁ, ଶିଶୁ ମୃତ୍ୟୁ କମିବା ଏବଂ ଡାକ୍ତରଖାନାରେ ଆହରଣ କରାଯାଉଥିବା ସଂକ୍ରମଣକୁ ରୋକିବାରେ ସହାୟତା ମିଳିଥାଏ । ପରିଷ୍କାର ପରିଚ୍ଛନ୍ନ ରହିବା , ଉ ମ ସଂକ୍ରମଣ ପ୍ରତିରୋଧ ବ୍ୟବସ୍ଥାକୁ ଗ୍ରହଣ କରିବା ଦ୍ୱାରା ସେବା ପାଇବାକୁ ଆସିଥିବା ବ୍ୟକ୍ତିର ସନ୍ତୁଷ୍ଟି ଏବଂ ଆଗ୍ରହରେ ବୃଦ୍ଧି ଘଟିଥାଏ ।

**ସମୟସୀମା:-** ଅଧା ଦିନ ବିଶିଷ୍ଟ

**ପାଠ୍ୟକ୍ରମ:** Infection Prevention Reference Booklet for Health Care Providers, 2nd Edition, 2011 (EngenderHealth) and Standards and Quality Assurance in Sterilization Services, Chapter 6, Page No. 53

**କାହାପାଇଁ ଉଦ୍ଦିଷ୍ଟ:** ସେବା ପ୍ରଦାନକାରୀ,ନର୍ସ ଏବଂ ଉଭୟ ସରକାରୀ ଏବଂ ବେସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନରେ କାମ କରୁଥିବା ଅନ୍ୟ ସହାୟକ କର୍ମଚାରୀ

**କେତେଥର ହେବ:** ତାଲିମ ଆବଶ୍ୟକତା କୁ ଆକଳନ କରି ମାତ୍ର ଷ୍ଟାଫମାନଙ୍କର କାମରେ ଯୋଗ ଦେବା ସମୟରେ ଏ ତାଲିମ ଆୟୋଜନ କରାଯିବ

**ସଂକ୍ରମଣ ପ୍ରତିରୋଧ ପାଇଁ କର୍ମଚାରୀ ମାନଙ୍କର ତାଲିମ କରିବା ପାଇଁ ସିଏମଏଚଓ/ ସିଡିଏମଓ/ ସିଏମଓଙ୍କ ଦ୍ୱାରା ନିଆଯିବାକୁ ଥିବା ପଦକ୍ଷେପ**

ନିଜ ଜିଲ୍ଲା କିମ୍ବା ମେଡିକାଲ କଲେଜରୁ କିମ୍ବା ବାହାରୁ ଜଣେ ଅଭିଜ୍ଞତାସଂପର୍ଣ୍ଣ ଏବଂ ଉପଯୁକ୍ତ ଶିକ୍ଷା ଥିବା ତାଲିମଦାତାକୁ ଚିହ୍ନଟ କରନ୍ତୁ ।

ତାଲିମ ଦାତାଜଣଙ୍କ ପ୍ରଥମେ ସ୍ୱାସ୍ଥ୍ୟାନୁଷ୍ଠାନର ସଂକ୍ରମଣ ପ୍ରତିରୋଧ ବ୍ୟବସ୍ଥାର ଆକଳନ କରିବା ସହ ତାଲିମ ଆବଶ୍ୟକତା ମଧ୍ୟ ଆକଳନ କରାଯିବା ଉଚିତ୍ (Refer to the UHI IP checklist) ।


ଏହାପରେ ତାଲିମଦାତା ଜଣଙ୍କ ୟୁଏଚଆଇ ତାଲିମ୍ ପ୍ୟାକେଜ୍‌କୁ ଉପଯୋଗ କରି ଅଧାଦିନିଆ ତାଲିମ୍ ଦେବା ପାଇଁ ବ୍ୟବସ୍ଥା କରିବା ପାୱାରପଏଂଟ ଉପସ୍ଥାପନା, ଦଳଗତ ଆଲୋଚନା, ତାଲିମ ପୂର୍ବ ଏବଂ ପରବ ୀ ଆକଳନ ପାଇଁ ଟୁଲ, ପୋଷ୍ଟର ଏବଂ ଅନ୍ୟ ଆବଶ୍ୟକୀୟ ତାଲିମ ଉପକରଣ ବ୍ୟବହାର କରିବା ଆବଶ୍ୟକ ।

ବଡ ସରକାରୀ ଏବଂ ବେସରକାରୀ ପ୍ରତିଷ୍ଠାନପାଇଁ ଗୋଟିଏ ସଂକ୍ରମଣ ପ୍ରତିରୋଧ କମିଟି ଗଠନ କରାଯିବା ଉଚିତ୍ ଯାହା ଗୋଟିଏ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବ । ଛୋଟ ଅନୁଷ୍ଠାନ ଗୁଡିକ ପାଇଁ ଜଣେ ସେବାପ୍ରଦାନକାରୀ ଏହି ଦାୟିତ୍ୱ ତୁଲାଇବା ପାଇଁ ଯତ୍ନବାନ ହେବା ଦରକାର ।

ଯେଉଁଠାରେ ବି ସଂକ୍ରମଣ ପ୍ରତିରୋଧ କମିଟି ଅଛି ସେମାନେ ମାସକୁ ଥରେ ବୈଠକ କରି ଆକ୍ସନ ପ୍ଲାନ ଅନୁଯାୟୀ ସଂକ୍ରମଣ ପ୍ରତିରୋଧ ବ୍ୟବସ୍ଥାର ଉନ୍ନତି କରଣ ପାଇଁ ଚାଲିଥିବା ତାଲିମର ଆକଳନ କରିବା ଉଚିତ୍ । ଏହା ଆକଳନ ଚେକ୍‌ଲିଷ୍ଟ ଅନୁସାରେ ହୋଇଥିବା ଦରକାର । ତାପରେ କମିଟି ଆବଶ୍ୟକ ଅନୁଯାୟୀ ସଠିକ୍ ଉପାୟ ଅବଲମ୍ବନ କରିବା ଆବଶ୍ୟକ ।

ସମୟ ସମୟରେ ସଂକ୍ରମଣ ପ୍ରତିରୋଧ ପାଇଁ ନିଆଯାଉଥିବା ପଦକ୍ଷେପ ସବୁକୁ ବାରମ୍ବାର ମନେ ପକାଇବା ଉଚିତ୍ ।

କ୍ଲାସ୍ ରୁମ ତାଲିମ ଛଡା, ତାଲିମଦାତା ମାନେ ମଝିରେ ମଝିରେ ସ୍ୱାସ୍ଥ୍ୟାନୁଷ୍ଠାନକୁ ପରିଦର୍ଶନରେ ଯାଇ ସଂକ୍ରମଣ ପ୍ରତିରୋଧ ପାଇଁ ନିଆ ଯାଉଥିବା ପଦକ୍ଷେପରେ ଥିବା ଶୂନ୍ୟସ୍ଥାନକୁ ଚିହ୍ନଟ କରି ସେହିଠାରେ ଶିଖାଇବା ଆବଶ୍ୟକ ।



## ସର୍ଜନ ମାନଙ୍କପାଇଁ  ନୋ-ସ୍କାଲପେଲ ଭାସେକ୍ଟୋମୀ ତାଲିମ

ଅଧିକାଂଶ ଜିଲ୍ଲାରେ ସେବା ଗ୍ରହଣର ଚାହିଦାକୁ ନେଇ ନୋ-ସ୍କାଲ୍‌ପେଲ୍ ଭାସେକ୍ଟୋମୀ କରିବା ପାଇଁ ଆବଶ୍ୟକ ଆବଶ୍ୟକ ସଂଖ୍ୟକ ସର୍ଜନ ନଥା'ନ୍ତି । ଏବେ ପୁରୁଷମାନଙ୍କ ମଧ୍ୟରେ ଏ ନେଇ ସଚେତନତା ବୃଦ୍ଧି ପାଉଥିବାରୁ ନୋ-ସ୍କାଲପେଲ ଭାସେକ୍ଟୋମୀ ପାଇଁ ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ତାଲିମ କେନ୍ଦ୍ରମାନଙ୍କରେ ଏହି ସର୍ଜନମାନଙ୍କର ତାଲିମ କରାଯାଇପାରିବ । ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଗାଇଡଲାଇନ୍ ଅନୁସରଣ କରି ଏପରି ତାଲିମ ପାଇବାକୁ ଥିବା ଡାକ୍ତରମାନଙ୍କର ନାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ପରିଚାଳକ ଏବଂ ବେସରକାରୀ ଅନୁଷ୍ଠାନମାନଙ୍କ ମାଧ୍ୟମରେ ତାଲିମ ପାଇଁ ପଠାଯାଇ ପାରିବ। ଏହି ସମୟରେ ଗୋଷ୍ଠୀ ସଚେତନତା ଦ୍ୱାରା ଏକାଧିକ ପୁରୁଷ ହିତାଧିକାରୀଙ୍କୁ ତାଲିମ କେନ୍ଦ୍ରକୁ ଅଣାଯାଇପାରିବ ଯାହା ଫଳରେ ପ୍ରଶିକ୍ଷାର୍ଥୀମାନେ ସିଧାସଳଖ ତାଲିମ ନେଉଥିବା ସମୟରେ ହିଁ ଏହି ନୋ-ସ୍କାଲ୍‌ପେଲ୍ ବାସେକଟୋମୀ କରିବାର ସୁଯୋଗ ପାଇପାରିବେ । (ଟିସିଆଇଏଚ୍‌ସି ଏଫ୍‌ଡିଏସ୍ ଟୁଲ୍‌କୁ ଦେଖନ୍ତୁ)

**ଲକ୍ଷ୍ୟ:** ନୋ-ସ୍କାଲ୍‌ପେଲ୍ ଭାସେକ୍ଟୋମୀ ସେବା ପ୍ରଦାନ କରିବାକୁ ତାଲିମପ୍ରାପ୍ତ ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି କରିବା, ଯାହା ଦ୍ୱାରା ଏହି ସେବାର ବଢୁଥିବା ଚାହିଦାର ମୁକାବିଲା କରିପାରିବା


**ସମୟସୀମା:** ୫ଦିନ

**ପାଠ୍ୟକ୍ରମ:** ପୁରୁଷ ବନ୍ଧ୍ୟାକରଣ ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ରେଫରେନ୍ସ ମାନୁଆଲ (Refer to: Standards & quality assurance in sterilization services (GOI, Nov. 2014)

କାହା ପାଇଁ ଉଦ୍ଦିଷ୍ଟ: ଡାକ୍ତର (ଏମ୍.ବି.ବି.ଏସ୍. ଏବଂ ଅଧିକ)

**କେତେଥର ହେବ:** ଏହି ତାଲିମ ଥରେ ଦିଆଯିବ, ଆଉ ତାଲିମ ପରବ ́1 ସହାୟତା ଏବଂ ଦିଗ୍‌ଦର୍ଶନ ନିୟମିତ ଦିଆଯିବ





### ମହିଳା ବନ୍ଧ୍ୟାକରଣ ଉପରେ ସେବାପ୍ରଦାନକାରୀଙ୍କ ତାଲିମ

ଲାପ୍ରୋସ୍କୋପି ଏବଂ ମିନିଲାପ୍ ଷ୍ଟେରିଲାଇଜେସନ୍ ପାଇଁ ତାଲିମ ପାଇଥିବା ତାଲିମପ୍ରାପ୍ତ ଡାକ୍ତରଙ୍କ ସଂଖ୍ୟା ବଢ଼ାଇଲେ ହିଁ ଏହି ତାଲିମ ପାଇଁ ବଢୁଥିବା ଚାହିଦାକୁ ପୂରଣ କରିହେବ। ସିଏମ୍ଏଚ୍ଓ/ ସିଡିଏମ୍ଓ/ ସିଏମ୍ଓ ନିଜ ଜିଲ୍ଲାରେ ଥିବା ତାଲିମ କେନ୍ଦ୍ରଗୁଡିକ ସହ ଯୋଗାଯୋଗ ସ୍ଥାପନ କରି ସେମାନଙ୍କର ତାଲିମ କ୍ୟାଲେଣ୍ଡର ଆଣି ଏହି ମହିଳା ବନ୍ଧ୍ୟାକରଣ ତାଲିମ ପାଇଁ ପ୍ରଶିକ୍ଷାର୍ଥୀଙ୍କୁ ପ୍ରସ୍ତୁତ କରିବା କଥା। ଏଥିପାଇଁ GoI Manual on Female Sterilization କୁ ଦେଖନ୍ତୁ। ଏହି ସମାନ ଧରଣର କାମ ବେସରକାରୀ ସଂସ୍ଥା କରିପାରିବେ। ସେମାନେ ସିଏମ୍ଓ ଏବଂ ଅନ୍ୟମାନଙ୍କ ସହ ସମନ୍ୱୟ ରକ୍ଷା କରି ମହିଳା ବନ୍ଧ୍ୟାକରଣ ତାଲିମ ଆୟୋଜନ କରିପାରିବେ। TCIHC FDS Tool for Additional Guidance କୁ ଦେଖନ୍ତୁ।

**ଲକ୍ଷ୍ୟ:** ମହିଳା ବନ୍ଧ୍ୟାକରଣ ପାଇଁ ତାଲିମପ୍ରାପ୍ତ ଡାକ୍ତରଙ୍କ ସଂଖ୍ୟାରେ ବୃଦ୍ଧି ଘଟାଇବା ସହ ଏହି ପଦ୍ଧତିପାଇଁ ବଢୁଥିବା ଚାହିଦାକୁ ପୂରଣ କରିହେବ

**ସମୟସୀମା:** ମିନିଲାପ୍ ଏବଂ ଲାପ୍ରୋସ୍କୋପିକ୍ ତାଲିମ୍ ପାଇଁ ୧୨ ଦିନ

**ପାଠ୍ୟକ୍ରମ:** GOI Reference Manual for Female Sterilization (Refer to: Standards and Quality Assurance in Sterilization Services (GOI, Nov. 2014)

**କାହାପାଇଁ ଉଦ୍ଦିଷ୍ଟ:** ଡାକ୍ତର (ମିନିଲାପ୍ ପାଇଁ:- ଏମ୍‌ବିବିଏସ୍ ଏବଂ ତଦୂର୍ଦ୍ଧ୍ୱ ଅନ୍ୟ ଭେଷଜ କ୍ଷେତ୍ରରେ ଥିବା ବିଶେଷଜ୍ଞ, ଲାପାରୋସ୍କୋପି ପାଇଁ:- ମିନିଲାପ୍ ଅପରେସନ କରୁଥିବା ମିନିଲାପ୍ ଷ୍ଟେରିଲାଇଜେସନ, ସ୍ତ୍ରୀ ଓ ପ୍ରସୂତୀ ରୋଗରେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଏବଂ ଡିଗ୍ରୀ ଓ  ଭେଷଜ କ୍ଷେତ୍ରରେ ଥିବା ବିଶେଷଜ୍ଞ

**କେତେଥର ହେବ:** ଏହି ତାଲିମ ଥରେ ଦିଆଯିବ। ଆଉ ତାଲିମ ପରବର୍ତ୍ତୀ ସହାୟତା ଏବଂ ଦିଗ୍‌ଦର୍ଶନ ନିୟମିତ ଦିଆଯିବ



### ପ୍ରସବର ତୁରନ୍ତ ପରେ ପରେ ଆୟୁସିଡି ବ୍ୟବହାର ପାଇଁ ତାଲିମ୍

ଜନନୀ ସୁରକ୍ଷା ଯୋଜନା ଆରମ୍ଭ ହେଲା ପରେ ପରେ ସାରା ଦେଶର ଡାକ୍ତରଖାନାରେ ପ୍ରସବର ସଂଖ୍ୟା ବଢି ବଢି ଚାଲିଛି। ଏହା ଦ୍ୱାରା ଦୀର୍ଘକାଳୀନ ଉପାଦେୟୀ କିନ୍ତୁ ପରିବର୍ତ୍ତିତ ହୋଇପାରୁଥିବା ଗର୍ଭନିରୋଧକ ଯଥା ପିପିଆୟୁସିଡି ମହିଳା ମାନଙ୍କୁ ଦେବା ପାଇଁ ସୁଯୋଗ ସୃଷ୍ଟି ହୋଇଛି। ମାତ୍ର ଅନେକ ସମୟରେ ଏହା ଦେଖାଯାଇଛି ଯେ ସ୍ୱାସ୍ଥ୍ୟାନୁଷ୍ଠାନ ମାନଙ୍କରେ କାର୍ଯ୍ୟରତ ସେବା ପ୍ରଦାନକାରୀଙ୍କ ପାଖରେ ଆବଶ୍ୟକୀୟ ଦକ୍ଷତା ନଥିବାରୁ ତୁରନ୍ତ ଏହି ସେବା ଯୋଗାଇ ଦିଆଯାଇପାରେ ନାହିଁ। ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ ଏବଂ ମେଡିକାଲ କଲେଜର ମୁଖ୍ୟ ସେବା ପ୍ରଦାନକାରୀଙ୍କୁ ଏହି ପ୍ରକାର ତାଲିମ୍ ଦେଇ ସେମାନଙ୍କର ବୈଷୟିକ ଦକ୍ଷତା ବୃଦ୍ଧି କରାଯାଇପାରିବ। ପିଆଇପି ମାଧ୍ୟମରେ ଏଥିପାଇଁ ବଜେଟ ବ୍ୟବସ୍ଥା କରାଯାଇଛି, ଯାହା ଦ୍ୱାରା ପ୍ରସବ କରାଯାଉଥିବା ସ୍ୱାସ୍ଥ୍ୟାନୁଷ୍ଠାନର ଡାକ୍ତର ଏବଂ ନର୍ସ ମାନେ ଏହି ତାଲିମ ପାଇପାରିବେ।

**ଲକ୍ଷ୍ୟ:** ପିପିଆୟୁସିଡି ସ୍ଥାପନ ପାଇଁ ସେବା ପ୍ରଦାନକାରୀମାନଙ୍କ ପାଇଁ ନୂଆ କୌଶଳ ଶିଖାଇବା

**ସମୟସୀମା:** ସ୍ୱାସ୍ଥ୍ୟାନୁଷ୍ଠାନ ସହ ଜଡିତ ତାଲିମ କେନ୍ଦ୍ରରେ ୩ ଦିନିଆ ଥିଓରୀ ଏବଂ ପ୍ରାକ୍‌ଟିକାଲ

**କାହା ପାଇଁ  ଉଦ୍ଦିଷ୍ଟ:** ସରକାରୀ ଓ ବେସରକାରୀ କ୍ଷେତ୍ରରେ ଥିବା ଡାକ୍ତର ଆଉ ଷ୍ଟାଫ ନର୍ସମାନଙ୍କ ପାଇଁ

**ପାଠ୍ୟକ୍ରମ:** ଆୟୁସିଡି, ପିପିଆୟୁସିଡି ପାଇଁ ଦିଆଯାଇଥିବା ମାନୁଆଲ (Refer to: IUCD Manual for Medical Officers and Nursing Personnel; and GoI_PPIUCD training video) କୁ ଦେଖନ୍ତୁ

**କେତେଥର ହେବ:** ଏହି ତାଲିମ ଥରେ ଦିଆଯିବ ଆଉ ତାଲିମ ପରବର୍ତ୍ତୀ ସହାୟତା ଏବଂ ଦିଗ୍‌ଦର୍ଶନ ନିୟମିତ ଦିଆଯିବ।

### ପ୍ରସବ ପରବର୍ତ୍ତୀ କପର-ଟି/ ପିପିଆୟୁସିଡି ତାଲିମ ପାଇଁ ସିଏମ୍ଏଚ୍ଓ/ ସିଡିଏମ୍ଓ/ ସିଏମ୍ଓ ମାନେ କି ପଦକ୍ଷେପ ନେଇପାରିବେ

- ପ୍ରତ୍ୟେକ ସ୍ୱାସ୍ଥ୍ୟାନୁଷ୍ଠାନରେ ଡାକ୍ତର ଏବଂ ଷ୍ଟାଫ୍ ନର୍ସକୁ ଚିହ୍ନଟ କରି ସେମାନଙ୍କୁ ଜିଲ୍ଲାସ୍ତରୀୟ ତାଲିମ କେନ୍ଦ୍ରକୁ ତିନିଦିନିଆ ଥିଓରୀ ଏବଂ ପ୍ରାକଟିକାଲ ତାଲିମ ପାଇଁ ପଠାଇପାରିବେ। ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ଏଥିପାଇଁ ଥିଓରିଟିକାଲ ଜ୍ଞାନ ପାଇବା ସହ ଗ୍ରହଣ କରାଯାଉଥିବା ପ୍ରକ୍ରିୟାକୁ ଭଲ ଭାବେ ଦେଖିପାରିବେ ଏବଂ ସାର୍ଟିଫିକେଟ ପାଇବା ପୂର୍ବରୁ ନିଜେ ଅନ୍ତତଃ ଗୋଟିଏ ପରିବାର ନିୟୋଜନ କରିବାକୁ ସଂପୂର୍ଣ୍ଣ ରୂପେ ସକ୍ଷମ ହେବେ।
- ଷ୍ଟାଣ୍ଡାର୍ଡ ପିପିଆୟୁସିଡି ତାଲିମ ଯୋଜନା ଅନୁଯାୟୀ ଯେପରି ପ୍ରଶିକ୍ଷାର୍ଥୀମାନେ ଡିଭିଜନସ୍ତରରେ ତାଲିମଦାତାମାନଙ୍କ ଠାରୁ ଦିଗ୍‌ଦର୍ଶନ ପାଇବେ, ତାହା ନିଶ୍ଚିତ କରିବା।
- ସେବା ପ୍ରଦାନକାରୀ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ନିୟମିତ ଯେପରି ତାଲିମ୍‌ପ୍ରାପ୍ତ ସେବା ପ୍ରଦାନକାରୀଙ୍କ ପିପିଆୟୁସିଡି ସେବା ପ୍ରଦର୍ଶନର ସମୀକ୍ଷା କରିପାରିବେ, ତାହା ନିଶ୍ଚିତ କରିବା ସହ ନିଜ ନିଜର ଅଭିଜ୍ଞତାର ଆଦାନପ୍ରଦାନ କରିବା ସହ ସେବା ପ୍ରଦାନରେ ଯେପରି ନିରନ୍ତର ଗୁଣାବତ୍ତା ବଜାୟ ରଖାଯାଇପାରିବ ତାହା ନିଶ୍ଚିତ କରିବା ଦରକାର।

## ମହିଳା ବନ୍ଧ୍ୟାକରଣ ପାଇଁ ରିଫ୍ରେସର ତାଲିମ୍

କ୍ଲିନିକାଲ ପଦ୍ଧତିରେ ରିଫ୍ରେସର ତାଲିମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଦ୍ୱାରା ଲୋକମାନେ କଣ୍ଟ୍ରା ଇଣ୍ଡିକେସନ, ବୈଷୟିକ ବ୍ୟବସ୍ଥା ଏବଂ ପାର୍ଶ୍ୱ ପ୍ରତିକ୍ରିୟାଗୁଡିକର ପରିଚାଳନା ଏବଂ ପଦ୍ଧତିରେ ଦେଖା ଦେଉଥିବା ଜଟିଳତା ବିଷୟରେ ପ୍ରଶିକ୍ଷାର୍ଥୀମାନେ ସର୍ବଶେଷ ଜ୍ଞାନ ପାଇପାରିବେ। ସରକାରୀ ତାଲିମ୍ କେନ୍ଦ୍ରଗୁଡ଼ିକରେ ଆବଶ୍ୟକୀୟ ଭି ିଭୂମି ଏବଂ ଆବଶ୍ୟକୀୟ ସଂଖ୍ୟାରେ ଲୋକ, ଅପରେସନ ପାଇଁ ଆସୁଥିବାରୁ ଏହି ସ୍ଥାନ ସବୁ ତାଲିମ୍ ପାଇଁ ଉପଯୁକ୍ତ ହୋଇଥାଏ। ତାଲିମଦାତାମାନେ ସାଧାରଣତଃ ସରକାରୀ ମେଡିକାଲ କଲେଜର ପ୍ରଫେସର କିମ୍ବା ତାଲିମ୍ପ୍ରାପ୍ତ ଓ ଅଭିଜ୍ଞ ଡାକ୍ତର ହୋଇଥାନ୍ତି।

**ଲକ୍ଷ୍ୟ:** ବର୍ତ୍ତମାନ ତାଲିମପ୍ରାପ୍ତ ସେବାପ୍ରଦାନକାରୀ ମାନଙ୍କର ଦକ୍ଷତାରେ ବୃଦ୍ଧି ଘଟାଇବା

**ସମୟସୀମା:** ୩ଦିନିଆ

**ପାଠ୍ୟକ୍ରମ:** GOI Reference Manual for Female Sterilization (Refer to: Standards and Quality Assurance in Sterilization Services (GOI, Nov. 2014)

**କାହାପାଇଁ ଉଦ୍ଦିଷ୍ଟ:** ଡାକ୍ତର (ଏମ୍‌ବିବିଏସ୍, ସ୍ତ୍ରୀ କିମ୍ବା ପ୍ରସୂତୀ ରୋଗରେ ପିଜି ଡିଗ୍ରୀ କିମ୍ବା ଡିପ୍ଲୋମା

**କେତେଥର ହେବ:** ଏହି ତାଲିମ ଥରେ ଦିଆଯିବ। ଆଉ ତାଲିମ ପରବର୍ତ୍ତୀ ସହାୟତା ଏବଂ ଦିଗ୍‌ଦର୍ଶନ ନିୟମିତ ଦିଆଯିବ।

### ମହିଳା ବନ୍ଧ୍ୟାକରଣ ରିଫ୍ରେସର ତାଲିମ ପାଇଁ ସିଏମ୍ଏଚ୍‌ଓ/ ସିଡିଏମ୍‌ଓ/ ସିଏମ୍‌ଓ ମାନେ କି ପଦକ୍ଷେପ ନେଇପାରିବେ

- ମହିଳା ବନ୍ଧ୍ୟାକରଣ ପାଇଁ ତାଲିମ୍ପ୍ରାପ୍ତ ଡାକ୍ତରମାନଙ୍କ ସଂଖ୍ୟା ନିରୂପଣ କରନ୍ତୁ। ସେମାନଙ୍କର ସେ କ୍ଷେତ୍ରରେ ପ୍ରଦର୍ଶନକୁ ଆକଳନ କରନ୍ତୁ, ଯାହା ଦ୍ୱାରା କି ସେମାନଙ୍କ ପାଇଁ ରିଫ୍ରେସର ତାଲିମ, ଦିଗ୍‌ଦର୍ଶନ ଏବଂ ସହାୟତା ପାଇଁ ଯୋଜନା କରାଯାଇପାରିବ।
- ବେସରକାରୀ ସଂଗଠନ ସହ ମିଳିତଭାବେ କାମକରି ବେସରକାରୀ କ୍ଷେତ୍ରରେ କାମକରୁଥିବା ତାଲିକାଭୁକ୍ତ ଡାକ୍ତରମାନଙ୍କୁ ମଧ୍ୟ ଏ ପ୍ରକାର ତାଲିମ, ଦିଗ୍‌ଦର୍ଶନ ଏବଂ ସହାୟତା ଦିଆଯାଇପାରିବ।
- ଏହି ପ୍ରକାର ତାଲିକାଭୁକ୍ତ ବେସରକାରୀ କ୍ଷେତ୍ରରେ କାମ କରୁଥିବା ଡାକ୍ତରମାନଙ୍କୁ ରିଫ୍ରେସର ତାଲିମ ପାଇଁ ମନୋନୀତ କରିପାରିବେ।

ଅଧିକ ଦିଗ୍‌ଦର୍ଶନ ପାଇଁ ଆପଣ ଟିସିଆଇଏଚସି ଏଫଡିଏସ୍ ଟୁଲକୁ ଦେଖନ୍ତୁ।



# ତାଲିମ କାର୍ଯ୍ୟକ୍ରମର ତଦାରଖ ଏବଂ ମୂଲ୍ୟାୟନ

ସିଡିଏମ୍ଓ/ ସିଏମ୍ଏଚ୍ଓ/ ସିଏମଓ/ ସିଏମ୍ଏସ୍ ଏବଂ ସେମାନଙ୍କର ଦଳ ଏହି ତାଲିମର ଯୋଜନା, ରୂପାୟନ ଏବଂ ଫଳାଫଳକୁ ନିୟମିତ ରୂପେ ମାସିକ ବୈଠକରେ ସମୀକ୍ଷା କରିବା ଆବଶ୍ୟକ । ଜିଲ୍ଲା ସ୍ତରରେ ହେବାକୁ ଥିବା ତ୍ରୈମାସିକ ଜିଲ୍ଲା କ୍ୱାଲିଟି ଆସ୍ୟୁରାନ୍ସ ବୈଠକ କିମ୍ବା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବୈଠକରେ ଏହା ଆଲୋଚନା ହେବା ଦରକାର । ନିମ୍ନଲିଖିତ ସୂଚକାଙ୍କକୁ ଆଧାର କରି ନିଜର ସଫଳତାର ହାର ସ୍ଥିର କରଯାଇପାରିବ । ପୁଣି ଏହି ସଫଳତାର ହାରକୁ ଲକ୍ଷ୍ୟ ରଖି ଏହି ତାଲିମର କାର୍ଯ୍ୟକାରିତା ଏବଂ ଫଳାଫଳକୁ ତଦାରଖ କରାଯାଇପାରିବ । ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ପାଇଁ ଏହି ସବୁ ସୂଚକାଙ୍କର ବିଶ୍ଳେଷଣ ଭିନ୍ନ ଭିନ୍ନ ରୂପରେ ହେଲେ ତାହା ଅଧିକ ଫଳପ୍ରଦ ହେବ ।

## କଣ୍ଟ୍ରାସେପ୍ଟିଭ ଟେକ୍ନୋଲୋଜି ଅପଡେଟ୍ସ ତାଲିମ

- ଏହି ପ୍ରକାରର କେତୋଟି ତାଲିମ ପାଇଁ ଯୋଜନା ହୋଇଥିଲା ଏବଂ କେତୋଟି ହେଲା
- କେତେଜଣ ସେବା ପ୍ରଦାନକାରୀ ଏହି ତାଲିମରେ ଭାଗନେଲେ
- ସ୍ୱାସ୍ଥ୍ୟାନୁଷ୍ଠାନମାନେ ଏବଂ ଜିଲ୍ଲା କେତୋଟି ତାଲିମ ଗୋଟିଏ ବର୍ଷରେ ଆୟୋଜନ କଲା
- କଣ୍ଟ୍ରାସେପ୍ଟିଭ ଟେକ୍ନୋଲୋଜି ଅପଡେଟ୍ସ ତାଲିମରେ ଉଠିଥିବା ବିଷୟବସ୍ତୁ ଏବଂ ସମସ୍ୟା ସବୁର ତାଲିକା ହୋଇଛି କି ନାହିଁ

## ଫାସିଲିଟି ହୋଲସାଇଟ୍ ଓରିଏଣ୍ଟେସନ

- ଏହି ପ୍ରକାରର କେତୋଟି ତାଲିମ ପାଇଁ ଯୋଜନା ହୋଇଥିଲା ଏବଂ କେତୋଟି ହେଲା
- ପ୍ରତି ସ୍ୱାସ୍ଥ୍ୟାନୁଷ୍ଠାନରୁ କେତେଜଣ ଏହି ତାଲିମ ନେଲେ
- ପରିବାର ନିୟୋଜନର ନୂଆ ବ୍ୟବହାରକାରୀ, ଗର୍ଭପାତ ପରବର୍ତ୍ତୀ ପରିବାର ନିୟୋଜନର ନୂଆ ବ୍ୟବହାରକାରୀ ଏବଂ ପ୍ରସବ ପରବର୍ତ୍ତୀ ପରିବାର ନିୟୋଜନର ନୂଆ ବ୍ୟବହାରକାରୀଙ୍କ ସଂଖ୍ୟା ସ୍ୱାସ୍ଥ୍ୟାନୁଷ୍ଠାନରେ ବଢ଼ିବାର ପ୍ରମାଣ

## ସଂକ୍ରମଣ ପ୍ରତିରୋଧ ପାଇଁ କର୍ମଚାରୀମାନଙ୍କର ତାଲିମ

- ଏହି ତାଲିମ୍ କାର୍ଯ୍ୟକ୍ରମରେ କେତେ ପ୍ରଶିକ୍ଷାର୍ଥୀ ଭାଗ ନେଲେ
- କେତୋଟି ସ୍ୱାସ୍ଥ୍ୟାନୁଷ୍ଠାନ ଏହି ତାଲିମ କରାଇଲେ
- ମୋଟ ସ୍ୱାସ୍ଥ୍ୟାନୁଷ୍ଠାନର କେତେ ପ୍ରତିଶତ ଏହି ତାଲିମ କରାଇଲେ
- କେତୋଟି ସ୍ୱାସ୍ଥ୍ୟାନୁଷ୍ଠାନରେ ସଂକ୍ରମଣ ପ୍ରତିରୋଧୀ କମିଟି ଅଛି ଏବଂ ଏହା ମୋଟ ସଂଖ୍ୟାର କେତେ ପ୍ରତିଶତ

## ସର୍ଜନମାନଙ୍କ ପାଇଁ ନୋ-ସ୍କାଲପେଲ ଭାସେକ୍ଟୋମୀ

- କେତେ ଜଣ ସର୍ଜନଙ୍କୁ ଏହି ତାଲିମ ଦିଆଗଲା
- କେତୋଟି ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ବନିମ୍ନ ଜଣେ ତାଲିମପ୍ରାପ୍ତ ସର୍ଜନ ଅଛନ୍ତି
- ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କେତେ ସଂଖ୍ୟାରେ ଏନ୍.ଏସ୍.ଭି. ହୋଇଛି

## ମହିଳା ବନ୍ଧ୍ୟାକରଣ ଉପରେ ସେବାପ୍ରଦାନକାରୀଙ୍କ ତାଲିମ

- ଉଭୟ ମିନିଲାପ୍ ଏବଂ ଲାପାରୋସ୍କୋପିକ୍ ତାଲିମ୍ କେତେଜଣ ସେବାପ୍ରଦାନକାରୀ ନେଇଛନ୍ତି
- କେତେ ପ୍ରତିଶତ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା ବନ୍ଧ୍ୟାକରଣ ପାଇଁ ଅନ୍ତତଃ ଜଣେ ଲେଖା ସେବା ପ୍ରଦାନକାରୀ ଅଛନ୍ତି
- ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କେତେ ସଂଖ୍ୟାରେ ମହିଳା ବନ୍ଧ୍ୟାକରଣ ଅନୁଷ୍ଠିତ ହୋଇଛି

## ପ୍ରସବର ତୁରନ୍ତ ପରେ ପରେ ଆୟୁସିଡି ବ୍ୟବହାର ପାଇଁ ତାଲିମ୍

- କେତେଜଣ ସେବା ପ୍ରଦାନକାରୀ ଏହି ତାଲିମ୍ ନେଲେ
- ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କେତେ ସଂଖ୍ୟାରେ ମହିଳା ପିପିଆୟୁସିଡି ବ୍ୟବହାର କରିଛନ୍ତି
- କେତୋଟି ପ୍ରସବ ଏବଂ କେତେ ପ୍ରତିଶତ ପ୍ରସବ ପରେ ମହିଳା ପିପିଆୟୁସିଡି ଗ୍ରହଣ କରିଛନ୍ତି
- କେତୋଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ତତଃ ଜଣେ ଲେଖା ସେବା ପ୍ରଦାନକାରୀ ପିପିଆୟୁସିଡି ଦେବା ପାଇଁ ଅଛନ୍ତି

## ବ୍ୟୟବରାଦ

ତାଲିମ ପାଇଁ ଉଭୟ ଯୋଜନା ଏବଂ ବଜେଟ୍ ଭିନ୍ନ ଭାବେ ପି.ଆଇ.ପି.ରେ ରହିବା ଦରକାର। ଏଥିରେ ଯୋଜନା କରାଯାଇଥିବା ମୋଟ ତାଲିମ୍‌ର ସଂଖ୍ୟା, ପ୍ରତି ତାଲିମ ପିଛା ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟା ଏବଂ ପ୍ରତି ତାଲିମ୍ କେତେଦିନ ଯାଏ ହେବ ତାହା ରହିବା ଦରକାର।

ଏଥିପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଉତ୍ତରପ୍ରଦେଶର ୨୦୧୬-୧୭ ବର୍ଷର ଆର୍ଥିକ ପରିଚାଳନା ରିପୋର୍ଟ (ଏଫଏମଆର) କୋଡକୁ ଦେଖନ୍ତୁ।

ଏତଦ୍‌ବ୍ୟତୀତ ବେସରକାରୀ କ୍ଷେତ୍ରରେ କାମ କରୁଥିବା ସେବାପ୍ରଦାନକାରୀଙ୍କ ପାଇଁ (ପି.ଆଇ.ପି.)ରେ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରାଯାଇପାରିବ। ତେବେ ଏଥିପାଇଁ କେନ୍ଦ୍ର, ରାଜ୍ୟ ଏବଂ ଜିଲା ସ୍ତରରେ ଥିବା ସରକାର ଏବଂ ପ୍ରଶାସନ ସହିତ ଆଲୋଚନା କରାଯାଇ ସେମାନଙ୍କର ସହମତି ନେବାର ଆବଶ୍ୟକତା ରହିଛି।

ନିମ୍ନରେ ଥିବା ସାରଣୀରେ ସରକାରୀ ପି.ଆଇ.ପି.ରେ କିଭଳି ବ୍ୟୟବରାଦ କରାଯାଏ ତାହା ଦର୍ଶାଯାଇଛି। ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ହାସଲ କରିବାକୁ ଯାଇ କିପରି ବ୍ୟୟ ବରାଦ କରାଯାଏ, ତାହା ଏଠାରେ ଦର୍ଶାଯାଇଛି। ଏଠାରେ ଦକ୍ଷତାବୃଦ୍ଧିକୁ ଉଦାହରଣ ଭାବେ ନିଆଯାଇଛି।

| ବ୍ୟୟବରାଦ | ଏଫଏମଆର କୋଡ |
|---|---|
| ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ (ମିନିଲ୍ୟାପ୍, ଏନ୍‌ଏସ୍‌ଭି, ଆୟୁସିଡି, ପିପିଆଇୟୁସିଡି ଦେବାର ତାଲିମ, ଲାପାରୋସ୍କୋପିକ୍ ଅସ୍ତ୍ରୋପଚାର) | ୯.୫.୩.୬; ୯.୫.୩.୯; ୯.୫.୩.୧୧; ୯.୫.୩.୧୫, ୯.୫.୩.୧୨; ୯.୫.୩.୩ |
| ମେଡିକାଲ ଅଧିକାରୀମାନଙ୍କ ନିମନ୍ତେ ତାଲିମ (ମିନିଲ୍ୟାପ୍, ଏନ୍‌ଏସ୍‌ଭି, ଆୟୁସିଡି, ପିପିଆଇୟୁସିଡି ଦେବାର ତାଲିମ, ଲାପାରୋସ୍କୋପିକ୍ ଅସ୍ତ୍ରୋପଚାର) | ୯.୫.୩.୭; ୯.୫.୩.୧୨; ୯.୫.୩.୧୬; ୯.୫.୩.୧୭; ୯.୫.୩.୧୭; ୯.୫.୩.୨୨; ୯.୫.୩.୪ |
| ରିଫ୍ରେସର ତାଲିମ (ମିନିଲ୍ୟାପ୍, ଏନ୍.ଏସ୍.ଭି., ଲାପାରୋସ୍କୋପିକ୍ ବନ୍ଧ୍ୟାକରଣ ଅସ୍ତ୍ରୋପଚାର) | ୯.୫.୩.୮; ୯.୫.୩.୧୦; ୯.୫.୩.୫ |
| ଆୟୁଷ ମେଡ଼ିକାଲ ଅଧିକାରୀମାନଙ୍କ ତାଲିମ (ଅନ୍ତରା, ଆଇୟୁସିଡି ଏବଂ ପିପିଆଇୟୁସିଡି ଦେବା ନିମନ୍ତେ) | ୯.୫.୩.୨୪; ୯.୫.୩.୧୩; ୯.୫.୩.୧୭; ୯.୫.୩.୨୩ |
| ସେବିକାମାନଙ୍କ ତାଲିମ (ସେବିକା/ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା/ ମହିଳା ସ୍ୱାସ୍ଥ୍ୟକର୍ମୀ) - ଅନ୍ତରା, ଆୟୁସିଡି ଏବଂ ପିପିଆୟୁସିଡି | ୯.୫.୩.୧୪; ୯.୫.୩.୧୮ |
| ଗର୍ଭପାତ ପରବର୍ତ୍ତୀ ପରିବାର ନିୟୋଜନ ପଦ୍ଧତି ସଂକ୍ରାନ୍ତେ ଆର୍‌ଏମ୍‌ଏନ୍‌ସିଏଚ୍ +ଏ/ ଏଫ୍.ପି. କାଉସେଲରମାନଙ୍କର ତାଲିମ | ୯.୫.୩.୧୯; ୯.୫.୩.୨୦ |
| ଗର୍ଭ ନିରୋଧକ ଖାଇବା ବଟିକା (ଓରାଲ୍ ପିଲ୍) ଏଫ୍.ପି.-ଏଲ୍.ଏମ୍.ଆଇ,ଏସ୍ ଏବଂ ଅନ୍ୟାନ୍ୟ ତାଲିମ | ୯.୫.୩.୨୫; ୯.୫.୩.୨୬; ୯.୫.୩.୨୭ |
| ଟେକ୍‌ନିକାଲ ମାନୁଆଲ, ଏଫ୍.ପି. ମାନୁଆଲ ଏବଂ ମାର୍ଗଦର୍ଶିକା, କ୍ୱାଲିଟି ଆସୁରାନ୍ସ ସମ୍ବନ୍ଧିତ ତାଲିମ ଏବଂ ସଚେତନତା | ୯.୧.୬.୨; ୯.୫.୩.୨; ୟୁ.୯.୫.୫ |
| ଏଏନ୍‌ଏମ୍ ଏବଂ ଅଙ୍ଗନୱାଡ଼ି କର୍ମୀମାନଙ୍କର ତାଲିମ ଓ ସମୀକ୍ଷା କାର୍ଯ୍ୟକ୍ରମ (ନୂଆ ଯୋଜନା, ଏଫ୍‌ପି.-ଏଲ୍‌ଏମ୍‌ଆଇଏସ୍, ନୂଆ ଗର୍ଭନିରୋଧକ ପଦ୍ଧତି ସମୂହ, ପ୍ରସବ ଓ ଗର୍ଭପାତ ପରବର୍ତ୍ତୀ ପରିବାର ନିୟୋଜନ ପଦ୍ଧତି ସମୂହ, 'ଆଶା'ମାନଙ୍କ ଦ୍ୱାରା ଗୋଷ୍ଠୀସ୍ତରରେ ଗର୍ଭନିରୋଧକ ସାମଗ୍ରୀ ବିତରଣ କାର୍ଯ୍ୟକ୍ରମ (ଏଚ୍.ଡି.ସି.ଏ.), ସନ୍ତାନ ଜନ୍ମ ମଧ୍ୟରେ ବ୍ୟବଧାନକୁ ସୁନିଶ୍ଚିତ କରାଇବା(ଇ.ଏସ୍.ବି.) ପ୍ରଯୁଜ୍ୟ ସ୍ଥଳେ ଗର୍ଭପରୀକ୍ଷା କିଟ୍ (ପି.ଟି.କେ.) | ୯.୫.୩.୧ |

## ନିରନ୍ତରତା

ତାଲିମର ବ୍ୟୟବରାଦକୁ ପିଆଇପି ସହ ଯୋଡିବାରେ ହିଁ ତାଲିମର ନିରନ୍ତରତା ବଜାୟ ରଖିବାର ମାପକାଠି। ସିଏମ୍‌ଏଚ୍‌ଓ/ ସିଡିଏମ୍‌ଓ ଆଉ ସିଏମ୍‌ଓ ଅଫିସ୍‌ରେ ନିୟମିତ ତାଲିମକୁ ନେଇ ଯୋଜନା ଏବଂ ସମୀକ୍ଷା କରିବା ଦ୍ୱାରା ଏହି ତାଲିମକୁ ଆନୁଷ୍ଠାନିକ ଭାବେ ନିରନ୍ତର କରିବା ସହ ଏହି ପରି ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମକୁ ପ୍ରଭାବୀ କରିବାରେ ସହାୟକ ହୁଏ।



# ଉପଲବ୍ଧ ସମ୍ବଳ

- ଫ୍ୟାମିଲି ପ୍ଲାନିଂ:- ଏ ଗ୍ଲୋବାଲ ହ୍ୟାଣ୍ଡବୁକ୍ ଫର୍ ପ୍ରୋଭାଇଡର୍ସ
- ଇନ୍‌ଫେକ୍ସନ ପ୍ରିଭେନ୍‌ସନ ରେଫରେନ୍ସ ବୁକ୍‌ଲେଟ୍ ଫର ହେଲଥ୍‌କେୟାର ପ୍ରୋଭାଇଡର୍ସ ୨ୟ ସଂସ୍କରଣ ୨୦୧୧
- ପୁରୁଷ ଏବଂ ମହିଳା ବନ୍ଧ୍ୟାକରଣ ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ କ୍ଲିନିକାଲ୍ ସ୍କିଲ୍ ବିଲ୍‌ଡିଂ ଗାଇଡ୍‌ଲାଇନ୍ସ
- ପିପିଆୟୁସିଡି ତାଲିମ୍ ଭିଡିଓ (ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ)
- ଇନ୍‌ଫେକ୍ସନ ପ୍ରିଭେନସନ ରେଫରେନ୍ସ ବୁକ୍‌ଲେଟ ଫର ହେଲ୍‌ଥ କେୟାର ପ୍ରୋଭାଇଡର୍ସ ୨ୟ ସଂସ୍କରଣ, ୨୦୧୧
- ଆଇପି ପ୍ରାକଟିସେସ୍ ରିସୋର୍ସେସ୍ (ଆଇପି ପ୍ରି-ଟେଷ୍ଟ)
- ଆୟୁସିଡି ମାନୁଆଲ ଫର ମେଡିକାଲ ଅଫିସର୍ସ ଏଣ୍ଡ ନର୍ସିଂ ପର୍ସୋନେଲ
- ଜନସ୍ୱାସ୍ଥ୍ୟ ଅନୁଷ୍ଠାନରେ ଗୁଣବ । ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟକ୍ରମ ମାର୍ଗଦର୍ଶିକା ୨୦୧୩ ଭାଗ ଖ, ପୃଷ୍ଠା ୧୩
- ଗୁଣବ । ନିଶ୍ଚୟତା ପାଇଁ ଅନୁଷ୍ଠାନଗତ ଢାଞ୍ଚାର ପରିଚାଳନା ମାର୍ଗଦର୍ଶିକା
- ସୁପ୍ରିମ୍‌କୋର୍ଟ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାବଳୀ ୨୦୧୬
- ପିପିଆୟୁସିଡି ରେଫରେନ୍ସ ମାନୁଆଲ
- ଆରଓପି ୨୦୧୬-୧୭ ଏନ୍.ଏଚ୍.ଏମ୍.-ଉତ୍ତରପ୍ରଦେଶ
- ଆରଓପି ୨୦୧୭-୧୮ ଏନ୍.ଏଚ୍.ଏମ୍.-ଉତ୍ତରପ୍ରଦେଶ
- ମହିଳା ବନ୍ଧ୍ୟାକରଣ ପାଇଁ ରେଫରେନ୍ସ ମାନୁଆଲ
- ପୁରୁଷ ବନ୍ଧ୍ୟାକରଣ ପାଇଁ ରେଫରେନ୍ସ ମାନୁଆଲ
- ଷ୍ଟାଣ୍ଡାର୍ଡସ୍ ଏଣ୍ଡ କ୍ୱାଲିଟି ଆସ୍ୟୁରାନ୍ସ ଇନ୍ ଷ୍ଟେରିଲାଇଜେସନ ସର୍ଭିସେସ୍
- ଟିସିଆଇ- ଏଚ୍‌ସି-ଏଫଡିଏସ୍ ଟୁଲ
- ୟୁଏଚ୍‌ଆଇର ସଂକ୍ରମଣ ପ୍ରତିରୋଧ ଯାଞ୍ଚତାଲିକା
- ସଂକ୍ରମଣ ପ୍ରତିରୋଧ ଉପରେ ୟୁ.ଏଚ୍.ଆଇ.ର ପାୱାରପଏଣ୍ଟ ପ୍ରେଜେଣ୍ଟେସନ
- ୟୁ.ଏଚ୍.ଆଇ.ର ହୋଲସାଇଟ ଟ୍ରେନିଂ ଗାଇଡ୍‌ଲାଇନ୍

ସ୍ୱୀକାରୋକ୍ତି:-
ଏହି ଲେଖାଟି ଅର୍ବାନ ହେଲ୍‌ଥ୍ ଇନିସିଏଟିଭ୍‌ସ(ବିଏମଜିଏଫ ଦ୍ୱାରା ସହାୟତାପ୍ରାପ୍ତ), ହେଲ୍‌ଥ ଅଫ ଦ ଅର୍ବାନ ପୁଅର(ୟୁଏସଏଆଡି ଦ୍ୱାରା ସହାୟତାପ୍ରାପ୍ତ) ଏବଂ ଏକ୍ସପାଣ୍ଡେଡ ଆକ୍ସେସ ଏଣ୍ଡ କ୍ୱାଲିଟି ଟୁ ବ୍ରଡେନ୍ ମେଥଡ ଚଏସ୍ ଇନ୍ ଉ ର ପ୍ରଦେଶ (ବିଏମଜିଏଫ ଦ୍ୱାରା ସହାୟତାପ୍ରାପ୍ତ) ଦ୍ୱାରା ସଂଗୃହୀତ ବିଭିନ୍ନ ଶିକ୍ଷଣୀୟ ତଥ୍ୟ ଏବଂ ଅଭିଜ୍ଞତା ସବୁକୁ ଏକାଠି କରି ପ୍ରସ୍ତୁତ କରାଯାଇଛି । ଏହି ଲେଖାଟି କେବଳ ବିଭିନ୍ନ ବର୍ଗର ଲୋକଙ୍କୁ ମାର୍ଗଦର୍ଶନ ପାଇଁ ଉଦ୍ଦିଷ୍ଟ ଏବଂ ଏହି ଲେଖାଟି ପୂର୍ବ ନିର୍ଦ୍ଧାରିତ ପ୍ରଥା ଦ୍ୱାରା ପ୍ରଭାବିତ ନୁହେଁ । ବରଂ ଏହି ନିର୍ଦ୍ଦିଷ୍ଟ ବିଷୟଟିକୁ କେବଳ ଉପରୋକ୍ତ ପ୍ରକଳ୍ପରେ କିପରି କାମରେ ଲଗାଯାଇ ଅନ୍ୟ ସ୍ଥାନରେ ସମ୍ଭାବ୍ୟରୂପେ ଗ୍ରହଣୀୟ କରାଯିବାର ଚେଷ୍ଟା କରାଯାଇଛି, ତାହା ଦର୍ଶାଇବା ପାଇଁ ଉଦ୍ଦିଷ୍ଟ ।

THE CHALLENGE INITIATIVE
HEALTHY CITIES INDIA

FOR FURTHER DETAILS, PLEASE CONTACT:
POPULATION SERVICES INTERNATIONAL
C-445, Chittaranjan Park, New Delhi, Delhi 110019